ପାଭେଲ୍ ବାଜୋଭ୍

ରୂପେଲି ଖୁରା

Digitized by srujanika@gmail.com

ପାଭେଲ୍ ବାଜୋଭ୍

ଶୁଣିପଲି ଗୁଡ଼ା

ଅନୁବାଦ: ନମିତା ମହାନ୍ତି
ଚିତ୍ରକର: ଟି. ପ୍ଲାକ୍‌ସିନ୍

"ରାଦୁଗା"
ପ୍ରକାଶନ ମସ୍କୋ

Digitized by srujanika@gmail.com

Digitized by srujanika@gmail.com

ଏକଦା କୋକୋଭାନ୍ୟା ନାମକ ଜଣେ ବୃଦ୍ଧ ବ୍ୟକ୍ତି ଆମ ଗ୍ରାମରେ ବାସ କରୁଥିଲେ । ତାଙ୍କ ପରିବାରରେ ଜଣେ କେହି ହେଲେ ବଞ୍ଚି ନଥିଲେ । ତେଣୁ ସେ ଏକ ଅନାଥ ଶିଶୁକୁ ନିଜ ପିଲା ଭାବେ ପାଳିବାକୁ ଚିନ୍ତା କଲେ । ଏ ବିଷୟରେ ସେ ତାଙ୍କ ପଡ଼ୋଶୀମାନଙ୍କୁ ପଚାରିଲେ । ସେମାନେ ତାଙ୍କୁ କହିଲେ :

"ଗ୍ରୀଗୋରି ପୋତୋପାୟେଭ୍‌ଙ୍କ ପିଲମାନେ ଅଳ୍ପ ଦିନ ହେଲା ଅନାଥ ଭାବେ ଗ୍ରୀଙ୍କାରେ ଅଛନ୍ତି । ଗୁମାସ୍ତା ବଡ଼ ଝିଅମାନଙ୍କୁ ସିଲେଇ ଶିଖାଇବାକୁ ପଠାଇଛନ୍ତି । ମାତ୍ର ୬ ବର୍ଷ ବୟସର ସାନ ଝିଅକୁ କେହି ହେଲେ ଗ୍ରହଁ ନାହାଁନ୍ତି । ତୁମେ ତାକୁ ନେଇ ପାଳ ।"

ମାତ୍ର କୋକୋଭାନ୍ୟା କହିଲେ : "ଝିଅକୁ ନେଲେ ମୁଁ ଅକାମୀ ହୋଇଯିବି । ବରଂ ପୁଅଟିଏ ହେଲେ ଭଲ ହୁଅନ୍ତା । ମୁଁ ତାକୁ ମୋ ବ୍ୟବସାୟ ବୁଲି ଶିଖାନ୍ତି ଏବଂ ସେ ବଡ଼ ହେଲା ପରେ ମତେ କାମରେ ସାହାଯ୍ୟ କରନ୍ତା । ମାତ୍ର ଏ ଝିଅକୁ ନେଇ କ'ଣ କରିବି ? ତାକୁ ମୁଁ କ'ଣ ଶିଖାଇବି ?"

Digitized by srujanika@gmail.com

କିନ୍ତୁ ପରେ ସେ ସବୁ ବିଷୟରେ ପୁଣି ଚିନ୍ତା କଲେ । ସେ କହିଲେ :

"ମୁଁ ଗ୍ରୀଗୋରି ଓ ତାଙ୍କର ଭଲ ସ୍ତ୍ରୀକୁ ମଧ୍ୟ ଜାଣେ । ସେମାନେ ଅତ୍ୟନ୍ତ ପରିଶ୍ରମୀ ଓ କୌତୁକପୂର୍ଣ୍ଣ ଲୋକ ଥିଲେ । ଝିଅ ଯଦି ବାପାମାଙ୍କ ଭଳି ହେବ , ଘର କଦାପି ନିରସ ହେବ ନାହିଁ । ମୁଁ ତାକୁ ନେବି । ମାତ୍ର ସେ ମୋ ସାଙ୍ଗରେ ଆସିବାକୁ ରାଜି ହେବ କି ?"

ପଡ଼ୋଶୀମାନେ ତାଙ୍କୁ ବୁଝାଇଲେ :

"ହେ , ତା'ର ଜୀବନ ଏତେ ସୁଖମୟ ନୁହେଁ । ଗୁମାସ୍ତା ଗ୍ରୀଗୋରିଙ୍କ ଘରକୁ ଜଣେ ଗରୀବ ହତଭାଗ୍ୟ ଲୋକକୁ ଦେଇଛନ୍ତି ଏବଂ ଏ ଝିଅଟି ବଡ଼ ହେବା ପର୍ଯ୍ୟନ୍ତ ତାକୁ ପାଳିବାକୁ କହିଛନ୍ତି । ମାତ୍ର ସେ ଲୋକର ନିଜର ପଞ୍ଚାଏ ପିଲା ଅଛନ୍ତି । ସେ ନିଜ ପିଲାମାନଙ୍କର ପେଟ ପୋଷି ପାରୁ ନାହାନ୍ତି ଏବଂ ତାଙ୍କ ସ୍ତ୍ରୀ ଏହି ଅନାଥ ଝିଅଟିକୁ ହଇରାଣ କରୁଛି ଏବଂ ବହୁତ କଷ୍ଟ ଦେଉଛି । କିନ୍ତୁ ସେ ଛୋଟ ହେଲେ ମଧ୍ୟ ସବୁ ବୁଝି ପାରୁଛି । ତୁମେ କ'ଣ ଭାବୁ ନାହଁ ଯେ, ସେ ସେଠାରୁ ଗଲିଯିବାକୁ ଗହେଁ ! ତୁମେ ତା ସାଙ୍ଗେ କଥାବାର୍ତ୍ତା କର ଏବଂ ସେ ତୁମ ସାଙ୍ଗରେ ଯିବ ।"

"ହଁ, ତାହା ସତ କଥା । ମୁଁ ତାକୁ ରାଜି କରାଇବି", କୋକୋଭାନ୍ୟା କହିଲେ ।

ଯେତେବେଳେ ଛୁଟିଦିନ ଆସିଲା କୋକୋଭାନ୍ୟା ସେ ଅନାଥ ଝିଅଟି ରହୁଥିବା ଘରକୁ ଗଲେ । ଘରଟିରେ ପିଲାଠାରୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ଲୋକମାନଙ୍କ ଦ୍ୱାରା ଗହଳି ହେଉଥିବାର ସେ ଦେଖିଲେ । ଗୋଟିଏ ଛୋଟ ଝିଅଟି ଚୁଲି ପାଖରେ ବାଦାମୀ ରଂଗର ବିରାଡ଼ି ନିକଟରେ ବସିଥିଲା । ଝିଅଟି ଛୋଟ ଥିଲା ଓ ବିରାଡ଼ିଟି ମଧ୍ୟ ଛୋଟ ଥିଲା ଏବଂ ଏତେ ପତଳା ଓ ଲୋମହୀନ ଥିଲା ଯେ, କେହି ତାକୁ ଘରେ ପୂରାଇବେ ନାହିଁ । ଝିଅଟି ମଝିରେ ମଝିରେ ବିରାଡ଼ିକୁ ଆଉଁଶୁଥାଏ ଏବଂ ବିଲେଇଟିର ମିଆଉଁ-ମିଆଉଁ ଘରର ଗୁରି ଆଡ଼େ ଶୁଭୁଥାଏ ।

କୋକୋଭାନ୍ୟା ଝିଅଟି ଆଡ଼େ ଗହିଁଲେ ଓ ପଗ୍ଧରିଲେ :

"ସେ କ'ଣ ଗ୍ରୀଗୋରିଙ୍କ ଉପହାର କି ?"

Digitized by srujanika@gmail.com

Digitized by srujanika@gmail.com

"ହଁ, ସେହି ପିଲା", ମାଲିକାଣୀ କହିଲେ । "ଏବଂ ଏ ଝିଅଟିକୁ ଖୁଆଇବା ସତେ ଯେପରି ଯଥେଷ୍ଟ ନୁହଁ, ତା ସାଥିରେ ସେ ଏ ଅପରିଷ୍କାର ଜନ୍ତୁଟିକୁ ମଧ୍ୟ ଆଣିଛି । ଆମେ ଏହାଠାରୁ ମୁକ୍ତି ପାଇ ପାରୁ ନାହୁଁ । ଏ ବିରାଡ଼ିଟି ମୋ ପିଲାମାନଙ୍କୁ ଆମ୍ଭୁଡ଼ୁଛି । ସର୍ବପରି ଏହାକୁ ମଧ୍ୟ ଖୁଆଇବାକୁ ପଡ଼ୁଛି !"

"ତୁମ ପିଲାମାନେ ନିଶ୍ଚୟ ଏହାକୁ ଚିଡ଼ାଇଛନ୍ତି", କୋକୋଭାନ୍ୟା ଗମ୍ଭୀର ଭାବେ କହିଲେ । "ଯେତେବେଳେ ଝିଅଟି ଏହାକୁ ରଖୁଛି, ସେ ମିଆଁ-ମିଆଁ ଶବ୍ଦ କରୁଛି ।"

ତା'ପରେ ସେ ଝିଅଟି ଆଡ଼କୁ ଗ୍ଭହିଲେ :

"ଆଚ୍ଛା ଦାରିଓଙ୍କା * ତୁମେ ମୋ ସାଙ୍ଗରେ ଆସି ରହିବାକୁ କେମିତି ଭାବୁଛ ?"

ପିଲଟି ଆଶ୍ଚର୍ଯ୍ୟ ହୋଇଗଲା :

"ମୋ ନାଁ ଦାରିଓଙ୍କା ବୋଲି ଆପଣ କେମିତି ଜାଣିଲେ ?"

"ଏମିତି ମନକୁ ହଠାତ୍ ଆସିଗଲା", ସେ କହିଲେ । "ମୁଁ ଚିନ୍ତା କରି ନଥିଲି ବା ଜାଣି ନାହିଁ । ଏମିତି ହଠାତ୍ ମୁଁ କହି ଦେଲି ।"

"ମାତ୍ର ଆପଣ କିଏ ?" ଝିଅଟି ପଗ୍ଭରିଲା ।

"ମୁଁ ଜଣେ ଶିକାରୀ", କୋକୋଭାନ୍ୟା କହିଲେ । "ଖରା ଦିନେ ମୁଁ ବାଲି ସପା କରି ସୁନା ଖୋଜେ ଏବଂ ଶୀତ ଦିନେ ଜଙ୍ଗଲକୁ ଛେଳି ଖୋଜିବାକୁ ଯାଏ, ମାତ୍ର ମୁଁ ସେ ଛେଳିକୁ କେବେ ହେଲେ ଦେଖି ନାହିଁ ।"

"ଯଦି ଆପଣ ଦେଖନ୍ତି, ତେବେ ତାକୁ ମାରି ଦେବେ ?"

"ନା, ମୁଁ ସାଧାରଣ ଛେଳିମାନଙ୍କୁ ମାରେ, ମାତ୍ର ଗୋଟେ ଛେଳିକୁ ମାରିପାରି ନାହିଁ । ସେ ଛେଳିଟି ତା'ର ଡାହାଣ ଗୋଡ଼ର ଖୁରାରେ କେଉଁଠାକୁ ଆଘାତ କରେ, ମୁଁ ଦେଖିବାକୁ ଗ୍ଭହେଁ ।"

"କ'ଣ ପାଇଁ ?"

---

* ଉପହାର – ସଂପାଦକ ।

Digitized by srujanika@gmail.com

"ତୁମେ ଆସି ମୋ ସାଙ୍ଗରେ ରହିଲେ, ମୁଁ ତା ବିଷୟରେ ସବୁ କଥା କହିବି", କୋକୋଭାନ୍ୟା କହିଲେ ।

ଛୋଟ ଝିଅଟି ସେ ଛେଳି ବିଷୟରେ ଶୁଣିବା ପାଇଁ ରହିଲା, ଏବଂ ସେ ଦେଖିଲା ଯେ, ସେ ଲୋକ ଜଣକ ଦୟାଳୁ ଓ କୌତୁକପୂର୍ଣ୍ଣ ଅଟନ୍ତି । ତେଣୁ ସେ କହିଲା :

"ମୁଁ ଆସିବି । ମାତ୍ର ମୋ ପୁଷିକୁ ମଧ୍ୟ ନିଅ । ଦେଖ ସେ କେତେ ଭଲ ।"

"ତାହା ଠିକ୍", କୋକୋଭାନ୍ୟା କହିଲେ । "କେବଳ ଜଣେ ମୂର୍ଖ ଲୋକ ଏଭଳି ଗୀତ ଗାଉଥିବା ବିରାଡ଼ିକୁ ତ୍ୟାଗ କରିପାରେ । ସେ ଘରେ ପରିବାରର ଜଣେ ସଦସ୍ୟ ଭଳି ରହିବ ।"

ସ୍ତ୍ରୀଲୋକଟି ସେମାନଙ୍କର କଥା ଶୁଣିଲା ଏବଂ ସେ ଝିଅଟିର ଦାୟିତ୍ୱ ମୁକୁଳିବାର ଜାଣି ଭାରି ଖୁସି ହୋଇଗଲା । ସେ ଦାରିଓଙ୍କାର ସବୁ ଜିନିଷ ଅତିଶୀଘ୍ର ଏକାଠି କରିବାକୁ ଲାଗିଲା । କୋକୋଭାନ୍ୟା ତା'ର ମତ ପରିବର୍ତ୍ତନ କରି ପାରେ ବୋଲି ଭାବି ସେ ଡରିଗଲା ।

Digitized by srujanika@gmail.com

ବିରାଡ଼ିଟି ମଧ୍ୟ ସବୁ ବୁଝି ପାରିଲା ଭଳି ଜଣା ପଡ଼ୁଥିଲା । ସେ ସେମାନଙ୍କ ଗୋଡ଼ରେ ନିଜକୁ ଘଷୁଥାଏ ଏବଂ "ଠିକ୍-ଠିକ୍, ତୁମେ ଠିକ୍ କହିଛ" ବୋଲି ଶବ୍ଦ କରୁଥାଏ ।

ଏହିପରି ଭାବେ ବୃଦ୍ଧ ଜେଜେ କୋକୋଭାନ୍ୟା ଅନାଥ ଝିଅଟିକୁ ଘରକୁ ଆଣିଲେ ।

ସେ ବହୁତ ଡେଙ୍ଗା ଥିଲେ ଓ ତାଙ୍କର ଦାଢ଼ି ଥିଲା ଏବଂ ଝିଅଟି ଛୋଟ ଥିଲା ଓ ନାକ ଚେପା ଥିଲା । ସେ ଛୋଟ ବିରାଡ଼ିଟି ରାସ୍ତା ପାର ହେଲା ବେଳେ

Digitized by srujanika@gmail.com



Digitized by srujanika@gmail.com

ସେମାନଙ୍କ ସହ ଘୋଷାରି ହୋଇ ଦଉଡ଼ୁଥିଲା ।

ଏହିପରି ଭାବେ ବୃଦ୍ଧ ଜେଜେ କୋକୋଭାନ୍ୟା, ଅନାଥ ଦାରିଓଙ୍କା ଏବଂ ପୁଷି ଏକାଠି ରହିଲେ । ଦିନ ବିତିବାକୁ ଲଗିଲା, ଯଦିଓ ସେମାନେ ଧନୀ ହୋଇ ପାରିଲେ ନାହିଁ, ମାତ୍ର ପ୍ରତ୍ୟେକ ନିଜ ନିଜ ଭାବରେ ଚଳୁଥିଲେ ।

ସକାଳେ କୋକୋଭାନ୍ୟା କାମକୁ ଯାଉଥିଲେ । ଦାରିଓଙ୍କା ଘର ସଜାଡ଼ୁଥିଲା ଏବଂ ସୁପ୍ ଓ ଖାଦ୍ୟ ପ୍ରସ୍ତୁତ କରୁଥିଲା । ପୁଷି ମୂଷା ଶିକାର କରୁଥିଲା । ସନ୍ଧ୍ୟା ବେଳେ ସମସ୍ତେ ଘରେ ଏକାଠି ବହୁତ ଖୁସି, ମଜା ଓ ଆରାମରେ ସମୟ କାଟୁଥିଲେ।

ସେ ବୃଦ୍ଧ ବ୍ୟକ୍ତି ଜଣକ ଖୁବ୍ ସୁନ୍ଦର ଭାବେ କାହାଣୀ କହି ପାରୁଥିଲେ । ଦାରିଓଙ୍କା ଶୁଣିବାକୁ ଭଲ ପାଉଥିଲା ଏବଂ ପୁଷି "ଠିକ୍-ଠିକ୍, ତୁମେ ଠିକ୍ କହିଛ" ବୋଲି ଶବ୍ଦ କରୁଥିଲା ।

ମାତ୍ର ପ୍ରତ୍ୟେକ ଗପ ଶେଷରେ ଦାରିଓଙ୍କା ଜେଜେଙ୍କୁ ମନେ ପକାଉଥିଲା :

"ବର୍ତ୍ତମାନ ମତେ ସେ ଛେଳି ବିଷୟରେ କୁହ, ଜେଜେ । ସେ କିପରି ଦେଖିବାକୁ ଅଟେ ?"

ପ୍ରଥମେ କୋକୋଭାନ୍ୟା ତାକୁ ଚୁପ୍ କରିବାକୁ ଚେଷ୍ଟା କଲେ, ମାତ୍ର ପରେ ସେ ତାକୁ କହିଲେ :

"ସେ ଏକ ବିଶେଷ ଧରଣର ଛେଳି ଅଟେ । ତା'ର ଡାହାଣ ଆଗ ଗୋଡ଼ରେ ଏକ ରୁପେଲି ଖୁରା ଅଛି । ଯେତେବେଳେ ସେ ଖୁରାରେ ଆଘାତ କରେ, ସେ ଗୋଟେ ରତ୍ନ ସେଠାରେ ପକାଏ । ଯଦି ସେ ଥରେ ଆଘାତ କରେ, ଗୋଟେ ରତ୍ନ ପଡ଼େ, ଯଦି ୨ ଥର କରେ, ସେଠାରେ ୨ଟି ରତ୍ନ ପଡ଼େ, ଏବଂ ଯଦି ସେ ବାରମ୍ବାର ଆଘାତ କରେ, ତେବେ ସେଠାରେ ରତ୍ନ ଗଦା ହୋଇଯାଏ ।"

ସେ ଝିଅଟିକୁ କହିଲେ ଏବଂ ହଠାତ୍ ଦୁଃଖିତ ହୋଇଗଲେ, କାରଣ କାହାଣୀ ପରେ ଦାରିଓଙ୍କା ଆଉ କିଛି କଥା କହିଲା ନାହିଁ, କେବଳ ଛେଳି ବିଷୟରେ ହିଁ ପଚାରିଲା ।

"ଜେଜେ, ଛେଳିଟି କ'ଣ ବଡ଼ ଅଟେ ?"

Digitized by srujanika@gmail.com

Digitized by srujanika@gmail.com

କୋକୋଭାନ୍ୟା ତାକୁ କହିଲେ ସେ ଟେବୁଲଠାରୁ ଲମ୍ବା ନୁହଁ । ତା'ର ଗୋଡ଼ ସରୁ ଓ ଏକ ସୁନ୍ଦର ମୁଣ୍ଡ ଅଛି ।

ମାତ୍ର ଦାରିଓଙ୍କା ପୁଣି ପଗ୍ଧରିଲ :

"ଏବଂ ତା'ର ଶିଙ୍ଗ ଅଛି, ଜେଜେ ?"

"ହଁ, ତା'ର ଅଛି ଏବଂ ଖୁବ୍ ସୁନ୍ଦର ମଧ୍ୟ । ସାଧାରଣ ଛେଳିମାନଙ୍କର ୨ଟା ଶିଙ୍ଗ ଥାଏ, ମାତ୍ର ଏହାର ୨ଟି ଶିଙ୍ଗରେ ୫ଟି ଶାଖା ଅଛି ।"

"ଏବଂ ସେ କାହାକୁ ଖାଏ ଜେଜେ ?"

"ନା, ସେ ଲୋକକୁ ଖାଏ ନାହିଁ । ସେ ଘାସ ଓ ପତ୍ର ଖାଏ, ଏବଂ ଶୀତ ଦିନେ ଶୁଖିଲା ନଡ଼ାକୁଟା ଗଦାରୁ ଅଳ୍ପ ଶୁଖିଲା ଘାସ ବାଛି ଖାଏ ।"

"ଏବଂ ତା'ର ରଂଗ କେମିତି ?"

Digitized by srujanika@gmail.com

"ସେ ଖରା ଦିନେ ଆମ ପୁଷି ପରି ବାଦାମୀ ରଂଗର ଓ ଶୀତ ଦିନେ ଧଳା ପାଉଁଶିଆ ରଂଗର ହୋଇଥାଏ ।"

"ଜେଜେ, ତା ଦେହରୁ ଗନ୍ଧ ବାହାରେ ?"

କୋକୋଭାନ୍ୟା ଏହା ଶୁଣି ରାଗିଗଲେ :

"ଗନ୍ଧ କୁଆଡ଼ୁ ଆସିବ ? ଗୃହପାଳିତ ଛେଳିଙ୍କ ଦେହରୁ ଗନ୍ଧ ବାହାରେ, ମାତ୍ର ସେ ବଣରେ ରହୁଥିବାରୁ ତା ଦେହରୁ ବଣର ସୁଗନ୍ଧ ବାହାରେ ।"

ଶରତ ଋତୁ ଆସିଲ ଏବଂ କୋକୋଭାନ୍ୟା ଜଙ୍ଗଲକୁ ଯିବା ପାଇଁ ପ୍ରସ୍ତୁତ ହେଲେ । ଛେଳିମାନେ କେଉଁ ଜାଗାରେ ଚରୁଛନ୍ତି ତାହା ଦେଖିବାକୁ ସେ ଗ୍ୱହୁଁଥିଲେ । ମାତ୍ର ସେତିକିବେଳେ ଦାରିଓଙ୍କା ଅଳି କଲ ଓ ଜଙ୍ଗଲକୁ ଯିବା ପାଇଁ ଅନୁରୋଧ କଲ :

"ମୋତେ ତୁମ ସାଙ୍ଗରେ ନିଅ, ଜେଜେ । ଯଦିଓ ସେ ଛେଳି ବହୁ ଦୂରରେ, ମୁଁ ତାକୁ ଟିକେ ଦେଖି ପାରନ୍ତି ।"

"ବହୁତ ଦୂର ହେବ, ତୁ ତାକୁ ଜାଣି ପାରିବୁ ନାହିଁ", କୋକୋଭାନ୍ୟା ବୁଝାଇଲେ । "ଶରତ ଋତୁରେ ସବୁ ଛେଳିଙ୍କର ଶିଙ୍ଗ ଥାଏ, ଏବଂ ସେମାନଙ୍କର ଶିଙ୍ଗରେ କେତେ ଶାଖା ଅଛି, ତୁ ଦେଖି ପାରିବୁ ନାହିଁ । ଶୀତ ଋତୁରେ ତାହା ଅଲଗା କଥା, ସେତେବେଳେ ସାଧାରଣ ଛେଳିଙ୍କର ଶିଙ୍ଗ ନଥାଏ, ମାତ୍ର ବୁଢେଲି ଖୁରାର ସବୁବେଳେ ଶିଙ୍ଗ ଥାଏ । ସେତେବେଳେ ସେ ଯେତେ ଦୂରରେ ଥିଲେ ମଧ୍ୟ ତୁ ଜାଣି ପାରିବୁ ।"

Digitized by srujanika@gmail.com

ଏ କଥାରେ ସେ ତାକୁ ଚୁପ୍ କରି ଦେଲେ । ଦାରିଓଙ୍କା ଘରେ ରହିଲ, କୋକୋଭାନ୍ୟା ଜଙ୍ଗଲକୁ ଗଲେ ।

ପଞ୍ଚମ ଦିନରେ ସେ ଘରକୁ ଫେରି ଆସିଲେ ।

"ଏ ବର୍ଷ ବହୁତ ଛେଳି 'ପୋଲ୍‌ଦନେଭ୍‌ସ୍କ'ରେ ଚରୁଛନ୍ତି", ସେ କହିଲେ । "ଶୀତ ଦିନ ଆସିଲେ ମୁଁ ସେହି ଜାଗାକୁ ଯିବି ।"

"ମାତ୍ର ଏତେ ଶୀତରେ ତୁମେ ସେ ଜଙ୍ଗଲରେ କେମିତି ଶୋଇବ ?" ଦାରିଓଙ୍କା ପଗ୍‌ରିଲ ।

"ଆମେ ଯେଉଁ ଖଳାରେ ଶୁଖିଲ କୁଟା, ଘାସ ଗଦା କରିବାକୁ ଯାଉ, ସେ ଜାଗାରେ ମୋର ଗୋଟେ ଘର ଅଛି", ସେ କହିଲେ । "ତାହା ଖୁବ୍ ମଜଭୁତ

Digitized by srujanika@gmail.com



Digitized by srujanika@gmail.com

ଅଟେ । ସେଠାରେ ଗୋଟିଏ ଝରକା ଅଛି ଓ ଚୁଲି ମଧ୍ୟ ଅଛି । ମୁଁ ସେଠାରେ ଠିକ୍ ରହିବି ।"

ତା'ପରେ ଦାରିଓଙ୍କା ପୁଣି ପଚାରିଲା :

"ଭୁପେଲି ଖୁରା ସେଠାକୁ ମଧ୍ୟ ଚରିବାକୁ ଆସେ ?"

"କିଏ ଜାଣେ ? ସେ ଆସି ପାରେ ।"

ତା'ପରେ ଝିଅଟି ଜେଜେଙ୍କୁ ଅନୁରୋଧ କଲା ଓ ଅଳି କଲା :

"ମୋତେ ତୁମ ସାଙ୍ଗେ ନିଅ, ଜେଜେ । ମୁଁ ଘରେ ରହିବି । ହୁଏତ ଭୁପେଲି ଖୁରା ପାଖକୁ ଆସି ପାରେ ଓ ମୁଁ ତାକୁ ଦେଖି ପାରିବି ।"

ପ୍ରଥମେ ବୃଦ୍ଧ କୋକୋଭାନ୍ୟା ତା କଥା ଶୁଣିଲେ ନାହିଁ :

"କ'ଣ ! ଏତେ ଛୋଟ ଝିଅକୁ ଶୀତ ଦିନେ ଜଙ୍ଗଲକୁ ନେବି ! ତୋତେ ବରଫ ଉପରେ ସ୍କିଇଙ୍ଗ୍ କରିବାକୁ ହେବ । ମାତ୍ର ତୁ ସ୍କିଇଙ୍ଗ୍ କରିବା ଜାଣି ନାହୁଁ । ତୁ ବରଫ ଭିତରେ ପୋତି ହୋଇ ପଡ଼ିବୁ । ମୁଁ ତୋତେ ନେଇ ସେଠି କ'ଣ କରିବି ? ତୁ ମଧ୍ୟ ବରଫ ପାଲଟି ଯିବୁ !"

ମାତ୍ର ଦାରିଓଙ୍କା ତାକୁ ଏକୁଟିଆ ଯିବାକୁ ଦେଲା ନାହିଁ । ସେ ପୁଣି ଅନୁରୋଧ କରିବାକୁ ଲଗିଲା :

"ମୋତେ ନିଅ, ମୋତେ ନିଅ, ଜେଜେ ! ମୁଁ ଟିକେ ସ୍କିଇଙ୍ଗ୍ ଜାଣିଛି ।"

କୋକୋଭାନ୍ୟା ଏପଟ ସେପଟ କରି କହିବାକୁ ଲାଗିଲେ, ମାତ୍ର ଶେଷରେ ସେ ନିଜେ ଚିନ୍ତା କଲେ :

"ଯଦି ମୁଁ ତାକୁ ସାଙ୍ଗରେ ନେଇ ଯାଏ, ତେବେ କ'ଣ ହେବ ? ଯଦି ସେ ଥରେ ଚେଷ୍ଟା କରେ, ସେ ଆଉ ଥରେ ପଚାରିବ ନାହିଁ ।"

"ଠିକ୍ ଅଛି", ସେ କହିଲେ । "ମୁଁ ତୋତେ ସାଙ୍ଗରେ ନେଇଯିବି । କିନ୍ତୁ ଦେଖ୍ ଆମେ ଜଙ୍ଗଲ ଭିତରକୁ ଗଲା ବେଳେ ତୁ କାନ୍ଦିବାକୁ ଆରମ୍ଭ ନକରୁ ବା ଘରକୁ ଫେରି ଯିବାକୁ ନକହୁ ।"

ଯେତେବେଳେ ପ୍ରକୃତରେ ଶୀତ ଋତୁ ଆସିଲା, କୋକୋଭାନ୍ୟା ହାତଟଣା

Digitized by srujanika@gmail.com

ସ୍ଲେଜ୍ ଗାଡ଼ିରେ ଶୁଖିଲା ଖାଦ୍ୟ, କିଛି ଶିକାରୀ ଉପକରଣ ଆଉ କିଛି ଦରକାରୀ ଜିନିଷ ଏକାଠି କଲେ । ଦାରିଓଙ୍କା ମଧ୍ୟ ନିଜର କିଛି ଜିନିଷ ପାଇଁ ଛୋଟ ଗଣ୍ଠିଲି କଲା । ସେ ତା କଣ୍ଢେଇ ପାଇଁ ଫ୍ରକ୍ ତିଆରି କରିବା ପାଇଁ କିଛି ଛିଣ୍ଡା କନା, ଏକ ସୂତାବଳା, ଛୁଞ୍ଚି ଏବଂ ଗୋଟେ ଦଉଡ଼ି ମଧ୍ୟ ନେଲା ।

ସେ ଚିନ୍ତା କଲା, ଏ ଦଉଡ଼ି ସାହାଯ୍ୟରେ ରୁପେଲି ଖୁରାକୁ ଧରି ପାରିବ ।

ସେ ପୁଷ୍ପିକୁ ଛାଡ଼ି ଯାଉଥିବାରୁ ମନ ଦୁଃଖ କଲା, ମାତ୍ର ଅନ୍ୟ ଉପାୟ ଆଉ କିଛି ନଥିଲା । ସେ ତାକୁ ବିଦାୟ ପୂର୍ବରୁ ଧରି ଆଉଁଶିଲା ଏବଂ ତାକୁ ବୁଝେଇବାକୁ ଲଗିଲା :

Digitized by srujanika@gmail.com

"ଜେଜେ ଓ ମୁଁ ଜଙ୍ଗଲକୁ ଯାଉଛୁ । ପୁଷି, ତୁ ଏଠି ରହ ଓ ସବୁ ମୂଷାଙ୍କୁ ଧର । ଯେତେବେଳେ ଆମେ ରୁପେଲି ଖୁରାକୁ ଦେଖିବୁ, ଘରକୁ ଫେରି ଆସିବୁ ସେତେବେଳେ ମୁଁ ତୋତେ ତା ବିଷୟରେ ସବୁ କହିବି । "

ପୁଷି ତା'ର ଗୁଲଖ ଆଖିରେ ତାକୁ ଗୁହିଁଲା ଓ କହିଲା :

"ଠିକ୍-ଠିକ୍ , ତୁମେ ଠିକ୍ କହିଛ ।"

ଶେଷରେ କୋକୋଭାନ୍ୟା ଓ ଦାରିଓଙ୍କା ବାହାରିଲେ, ଏବଂ ସମସ୍ତ ପଡ଼ୋଶୀମାନେ ଆଶ୍ଚର୍ଯ୍ୟ ହୋଇ ଏକଲୟରେ ଗୁହିଁଲେ :

"ବୁଢ଼ା ଜଣକର ଅତି ସ୍ନେହରେ ମତିଭ୍ରମ ଘଟିଛି ! ଏତେ ଛୋଟ ଝିଅକୁ ପୁଣି ଶୀତ ଦିନେ ଜଙ୍ଗଲକୁ ନେଇଯାଉଛି !"

ଠିକ୍ ଯେତେବେଳେ କୋକୋଭାନ୍ୟା ଓ ଦାରିଓଙ୍କା ଶେଷ ଘରଗୁଡ଼ିକୁ ଛାଡ଼ିଲେ ସେମାନେ ଶୁଣିଲେ ଯେ, ସବୁ କୁକୁରମାନେ ଏକା ସାଙ୍ଗେ ଏକ ବିରାଟ କୋଳାହଳ କରି ଭୁକିବାକୁ ଓ ଗର୍ଜ୍ଜନ କରିବାକୁ ଲଗିଲେ ସତେ ଯେପରି ଏକ ବଣୁଆ ଜନ୍ତୁ ପଶି ଆସିଛି । ସେମାନେ ଘୂରି ଆଡ଼କୁ ଗୁହିଁଲେ ଏବଂ ଦେଖିଲେ ପୁଷି ରାଗରେ କୁକୁରମାନଙ୍କ ଆଡ଼କୁ ଖିଙ୍କାରି ହୋଇ, ଗାଳି ଦେଇ ଦେଇ ରାସ୍ତା ମଝିକୁ ଦଉଡ଼ି ଆସୁଛି । ପୁଷି ବର୍ତ୍ତମାନ ଏକ ବଡ଼ ବିରାଡ଼ି ହୋଇ ଯାଇଥିଲା ଏବଂ ନିଜକୁ ରକ୍ଷା କରିବାର ସାମର୍ଥ୍ୟ ତା'ର ଆସି ଯାଇଥିଲା । ଏମିତି ଗୋଟେ କୁକୁର କେହି ନଥିଲା, ଯିଏକି ତା ସାଙ୍ଗେ ଲଢ଼େଇ କରିବାକୁ ଚେଷ୍ଟା କରିବ ।

ଦାରିଓଙ୍କା ପୁଷିକୁ ଧରିବାକୁ ଚେଷ୍ଟା କଲା ଏବଂ ଘରକୁ ଫେରେଇ ନେବାକୁ ଗୁହିଁଲା, ମାତ୍ର ଯେତେବେଳେ ପୁଷିକୁ ଧରିବାକୁ ଗଲା, ପୁଷି ଜଙ୍ଗଲ ଭିତରକୁ ଦଉଡ଼ି ପଳାଇଲା ଓ ଗୋଟେ ଗଛରେ ଚଢ଼ିଗଲା । ସତେ ଯେପରି ସେ କହିଲା, ଯଦି ତୁମେ ପାର, ସେଠାରୁ ତଳକୁ ନେଇଆସ !

ଦାରିଓଙ୍କା ବାରମ୍ବାର ଡାକିଲା, ମାତ୍ର ପୁଷି ତଳକୁ ଜମା ଓହ୍ଲେଇଲା ନାହିଁ । ତେଣୁ ସେମାନେ କ'ଣ କରିବେ ? ଜଙ୍ଗଲକୁ ଯିବାକୁ ଆରମ୍ଭ କଲେ । ଏବଂ ଯେତେବେଳେ ସେମାନେ ଘୂରି ଆଡ଼େ ଗୁହିଁଲେ, ଦେଖିଲେ, ପୁଷି ତାଙ୍କ ପାଖେ

Digitized by srujanika@gmail.com

Digitized by srujanika@gmail.com

ପାଖେ ଗୋଟେ କଡ଼ରେ ଘୁଲିଥିଲା । ଏହିପରି ଭାବେ ସେମାନେ ଶେଷରେ ଜଙ୍ଗଲରେ ଥିବା ଘରକୁ ଆସିଲେ ଓ ତିନିଜଣ ଯାକ ସେଠାରେ ରହିଲେ । ଦାରିଓଙ୍କା ଏହାକୁ ପସନ୍ଦ କଲା ।

"ଏଠି କେତେ ମଜା ହେବ", ସେ କହିଲା ।

କୋକୋଭାନ୍ୟା ସମ୍ମତ ହେଲେ :

"ହଁ, ଏହା ବହୁତ ଆନନ୍ଦଦାୟକ ଅଟେ ।"

ଓ ଫୁଷି ଚୁଲି ପାଖେ ବସି ବଡ଼ ପାଟିରେ ଶବ୍ଦ କଲା :

"ଠିକ୍-ଠିକ୍, ତୁମେ ଠିକ୍ କହିଛ ।"

ସେଥର ଶୀତରେ ବହୁତ ସାଧାରଣ ଛେଳି ଥିଲେ । କୋକୋଭାନ୍ୟା ପ୍ରତ୍ୟେକ ଦିନ ଘରକୁ ଗୋଟେ ବା ୨ଟା ଛେଳି ମାରି ଆଣୁଥିଲେ । ଛେଳି ଚମଡ଼ା ଗଦା କରୁଥିଲେ ଏବଂ ମାଂସକୁ ଲୁଣ ଦେଇ ରଖୁଥିଲେ । ତାହା ଏତେ ହୋଇଯାଇଥିଲା

Digitized by srujanika@gmail.com

ଯେ, ହାତଟଣା ସ୍ଲେଜ୍ ଗାଡ଼ିରେ ଆଣିବା ସମ୍ଭବ ନଥିଲା । କୋକୋଭାନ୍ୟା ଦେଖିଲେ ଗୋଟେ ଘୋଡ଼ା ଆଣିବା ପାଇଁ ଘରକୁ ଯିବାକୁ ପଡ଼ିବ, ମାତ୍ର ଦାରିଓଙ୍କାକୁ ଜଙ୍ଗଲରେ ଏକା କେବଳ ପୁଷି ସାଙ୍ଗେ କିପରି ଛାଡ଼ି କି ଯିବେ ? ମାତ୍ର ଦାରିଓଙ୍କା ଜଙ୍ଗଲରେ ଅଭ୍ୟସ୍ତ ହୋଇ ଯାଇଥିଲା, ଏବଂ ଥରେ ସେ ଜେଜେଙ୍କୁ କହିଲା :

"ଜେଜେ ! ତୁମେ କାହିଁକି ଗାଁକୁ ଯାଉ ନାହଁ, ଗୋଟେ ଘୋଡ଼ା ନେଇ ଆସନ୍ତ ? ଆମେ ଲୁଣଦିଆ ମାଂସକୁ ଘରକୁ ନେଇ ପାରନ୍ତେ ।"

କୋକୋଭାନ୍ୟା ଆଶ୍ଚର୍ଯ୍ୟ ହୋଇଗଲେ :

"ଏତେ ଛୋଟ ପିଲର ମୁଣ୍ଡରେ କେତେ ବୁଦ୍ଧି ! ସତେ ଯେମିତି ଜଣେ ବୟସ୍କା ବୁଦ୍ଧିମତୀ ମହିଳା । ତୁ ନିଜେ ଏତେ କଥା ଚିନ୍ତା କରିଛୁ । ମାତ୍ର ଏକଲା ତୁ ଜଙ୍ଗଲରେ ଡରିବୁ ନାହିଁ ?"

"ମୁଁ କାହିଁକି ଡରିବି ?" ସେ ଉତ୍ତର ଦେଲା । "ତୁମେ ନିଜେ କହିଛ, ତୁମ ଘର ବହୁତ ମଜଭୁତ ଅଟେ । ଗଧିଆ ଏହା ଭିତରକୁ ପଶି ପାରିବେ ନାହିଁ । ଏବଂ

Digitized by srujanika@gmail.com

ମୋ ପାଖେ ମୋ ପୁଷି ଅଛି । ମୁଁ ଜମା ଡରିବି ନାହିଁ । ମାତ୍ର ତୁମେ ଜଲଦି ଘରକୁ ଫେରି ଆସିବ !”

କୋକୋଭାନ୍ୟା ଘର ଛାଡ଼ିଲେ ଓ ଦାରିଓଙ୍କା ପୁଷି ସାଙ୍ଗେ ଏକଲା ରହିଲା । କୋକୋଭାନ୍ୟା ଯେତେବେଳେ ଜଙ୍ଗଲକୁ ଦିନବେଳେ ଛେଳି ମାରିବାକୁ ଯାଉଥିଲେ, ଦାରିଓଙ୍କା ଏକଲା ଘରେ ରହି ମଧ୍ୟ ଭୟଭୀତ ହେଉ ନଥିଲା । ମାତ୍ର ଯେତେବେଳେ ସନ୍ଧ୍ୟା ମାଡ଼ି ଆସିଲା, ସେ ଟିକେ ଡରି ଗଲା । ତେଣୁ ସେ ପୁଷି ଆଡ଼େ ଗ୍ଭହିଁଲା ଏବଂ ଦେଖିଲା ପୁଷି ଆରାମରେ ଓ ନିଶ୍ଚିନ୍ତରେ ଶୋଇଛି । ତାହା ଦେଖି ଦାରିଓଙ୍କା ଟିକେ ଆଶ୍ୱସ୍ତ ହେଲା । ସେ ଝରକା ପାଖରେ ଯାଇ ବସିଲା ଏବଂ ଖୋଲା ପଡ଼ିଆ ଆଡ଼େ ଗ୍ଭହିଁଲା । ଏବଂ ସେଠାରେ ଏକ ଛୋଟ ବଲ୍ ଭଳି ଜିନିଷ ଜଙ୍ଗଲ ଆଡ଼ୁ ଗଡ଼ି ଆସୁଥିଲା । ଏହା କ୍ରମଶଃ ପାଖକୁ ଆସିଲା ଏବଂ ସେ ଦେଖିଲା ଯେ ତାହା ଏକ ଛେଳି ଥିଲା । ତା'ର ସରୁ ଗୋଡ଼ ଓ ଏକ ସୁନ୍ଦର ମୁଣ୍ଡ ଥିଲା ଓ ତା'ର ଶିଙ୍ଗରେ ୫ଟି ଶାଖା ଥିଲା ।

ହଠାତ୍ ଦାରିଓଙ୍କା ଦଉଡ଼ି ଆସିଲା, ମାତ୍ର ସେଠାରେ ସେ କିଛି ଦେଖିଲା ନାହିଁ। ସେ ଅପେକ୍ଷା କଲା, ମାତ୍ର ଶେଷରେ ଘର ଭିତରକୁ ଫେରି ଆସିଲା । ସେ କହିଲା :

“ମୁଁ ବୋଧେ ସ୍ୱପ୍ନ ଦେଖିଲି, ଏହା କେବଳ ମୋର କଳ୍ପନା ଥିଲା ।”

ପୁଷି ଶବ୍ଦ କରିବାକୁ ଲାଗିଲା :

“ଠିକ୍-ଠିକ୍, ତୁମେ ଠିକ୍ କୁହିଛ ।”

ଦାରିଓଙ୍କା ପୁଷିକୁ ସାଙ୍ଗରେ ନେଇ ଖଟ ଉପରକୁ ଗଲା ଏବଂ ସକାଳ ପର୍ଯ୍ୟନ୍ତ ଆରାମରେ ଶୋଇଲା ।

ଆଉ ଗୋଟେ ଦିନ ବିତିଗଲା । କୋକୋଭାନ୍ୟା ଆସିଲେ ନାହିଁ । ଦାରିଓଙ୍କା ଏକୁଟିଆ ଅନୁଭବ କଲା, ମାତ୍ର ସେ କାନ୍ଦିଲା ନାହିଁ । ବରଂ ପୁଷିକୁ ଆଉଁଷିଲା :

“ମନ ଦୁଃଖ କର ନା, ପୁଷି”, ସେ କହିଲା, “ଆସନ୍ତାକାଲି ଜେଜେ ଆସିବେ, ତୁ ଦେଖିବୁ ।”

ପୁଷି କେବଳ ତା'ର ପୁରୁଣା ଗୀତ ଗାଇଲା :

Digitized by srujanika@gmail.com

Digitized by srujanika@gmail.com

"ଠିକ୍-ଠିକ୍, ତୁମେ ଠିକ୍ କହିଛ ।"

ଦାରିଓଙ୍କା ପୁଣି ଝରକା ପାଖରେ ବସିଲା ଓ ତାରା ଆଡ଼କୁ ଗ୍ରହିଲା । ସେ ଖଟକୁ ଯିବାକୁ ଚିନ୍ତା କଲା ବେଳେ ହଠାତ୍ ଘରର ପଛପଟ କାନ୍ଥରେ ଠକ୍ ଠକ୍ ଶବ୍ଦ ଶୁଣିଲା । ସେ ଉଠି ପଡ଼ିଲା ଏବଂ ଭୟଭୀତ ହେଲା ଏବଂ ପରେ ପରେ ସେ ଶବ୍ଦ ପୁଣି ଅନ୍ୟ କାନ୍ଥ ପାଖେ ଶୁଣାଗଲା, ପୁଣି ପ୍ରଥମ କାନ୍ଥ ପଟେ, ପରେ ପରେ କବାଟ ପାଖରେ ଏବଂ ଶେଷରେ ଛାତ ଉପରେ ସେ ଶବ୍ଦ ଶୁଣାଗଲା । ଏହା ଖୁବ୍ ଜୋର୍‌ରେ ନଥିଲା । ମାତ୍ର ଏହା କେବଳ ଜଲଦି ଜଲଦି ପାଦଗୁଳିର ଧୀର ଶବ୍ଦ ଥିଲା । ହଠାତ୍ ଦାରିଓଙ୍କା ଚିନ୍ତା କଲା :

"ଏହା କ'ଣ ଗତକାଲି ଆସିଥିବା ଛେଳି ?"

ସେ ତାହାକୁ ଦେଖିବାକୁ ଏତେ ବ୍ୟସ୍ତ ହୋଇ ପଡ଼ିଲା ଯେ, ତାକୁ ଭୟ ଲାଗିଲା ନାହିଁ । ସେ କବାଟ ଖୋଲି ଦେଲା ଏବଂ ବାହାରକୁ ଆସିଲା ଏବଂ ସେଠାରେ ସେ ଛେଳି ତା'ର ଅତି ନିକଟରେ ଠିଆ ହୋଇଥିଲା । ସେ ତା'ର ସାମନା ଗୋଡ଼ ଭୂମିରେ ଆଘାତ କରିବାକୁ ଟେକିଲା ଓ ଏକ ରୁପେଲି ଖୁରା ଚକ୍ ଚକ୍ କରି ଉଠିଲା ଏବଂ ତା ଶିଙ୍ଗରେ ୫ଟି ଶାଖା ଥିଲା । ଦାରିଓଙ୍କା କ'ଣ କରିବ ଚିନ୍ତା କରି ପାରିଲା ନାହିଁ, ତେଣୁ ସେ ତାକୁ ସାଧାରଣ ଛେଳି ଭଳି ଡାକିଲା ।

ଛେଳିଟି ହସି ଦେଲା । ତା'ପରେ ସେ ବୁଲି ପଡ଼ିଲା ଓ ଖୋଲା ଜାଗାକୁ ଦଉଡ଼ି ପଳାଇଲା ।

ଦାରିଓଙ୍କା ଘର ଭିତରକୁ ଫେରି ଆସିଲା ଏବଂ ପୁଷିକୁ ସବୁ କଥା କହିଲା :

"ମୁଁ ରୁପେଲି ଖୁରାକୁ ଦେଖିଛି । ମୁଁ ତା'ର ଶିଙ୍ଗ ଓ ଖୁରା ଦେଖିଲି । କେବଳ ସେ ଖୁରାରେ ଆଘାତ କରିବା ଓ ମୂଲ୍ୟବାନ୍ ପଥର ପକାଇବା ଦେଖି ପାରିଲି ନାହିଁ। ସେ ଆସନ୍ତା ଥରକୁ ମୋତେ ଦେଖାଇବ ।"

ପୁଷି ତା'ର ପୁଣି ସେଇ ପୁରୁଣା ଗୀତ ଗାଇଲା :

"ଠିକ୍-ଠିକ୍, ତୁମେ ଠିକ୍ କହିଛ ।"

୩ ଦିନ ବିତିଗଲା ଏବଂ କୋକୋଭାନ୍ୟା ତଥାପି ଫେରିଲେ ନାହିଁ । ଦାରିଓଙ୍କାର

Digitized by srujanika@gmail.com

Digitized by srujanika@gmail.com

ମୁହଁ ଶୁଖିଗଲା । ସେ ଏପରିକି ଟିକେ କାନ୍ଦିବାକୁ ଲଗିଲା । ସେ ପୁଷି ସାଙ୍ଗେ କଥା ହେବାକୁ ଗ୍ରହିଲା, ମାତ୍ର ପୁଷି ପଳାଇଥିଲା । ତା'ପରେ ଦାରିଓଙ୍କା ପ୍ରକୃତରେ ଡରିଗଲା ଏବଂ ପୁଷିକୁ ଖୋଜିବା ପାଇଁ ବାହାରକୁ ଆସିଲା ।

ସେ ଦିନ ପୂର୍ଣ୍ଣିମାର ଶୀତଳ ଜହ୍ନ ରାତି ଥିଲା । ଦାରିଓଙ୍କା ଗୃରି ଆଡ଼େ ଗ୍ରହିଲା ଏବଂ ସେଠାରେ ପୁଷି ଏକ ଖୋଲା ଜାଗାରେ ସେ ଛେଳି ସହିତ ଠିକ୍ ତା ସାମନାରେ ବସିବାର ଦେଖିଲା । ଛେଳି ଗୋଡ଼ ଟେକିଲା, ତା'ର ବୁପେଲି ଖୁରା ଚକ୍ ଚକ୍ କରୁଥିଲା ।

ପୁଷି ତା ମୁଣ୍ଡ ହଲାଉଥିଲା ଓ ଛେଳି ମଧ୍ୟ ତା ସାଙ୍ଗେ ମୁଣ୍ଡ ହଲାଉଥିଲା, ଠିକ୍ ଯେପରି ସେ ଦୁହେଁ କଥାବାର୍ତ୍ତା ହେଉଥିଲେ । ତା'ପରେ ସେମାନେ ବରଫ ଉପରେ ଦଉଡ଼ିବାକୁ ଆରମ୍ଭ କଲେ । ଛେଳିଟି ଏପଟ ସେପଟ ହୋଇ ଦଉଡ଼ିବାକୁ ଲଗିଲା, ତା'ପରେ ଠିଆ ହୋଇଗଲା ଓ ଜୋର୍‌ରେ ଖୁରାରେ ଆଘାତ କଲା । ପୁଷି ଦୌଡ଼ି ଆସିଲା, ଛେଳି ଆହୁରି ଦୂରକୁ ଦୌଡ଼ିଯାଇ ବୁପେଲି ଖୁରାରେ ପୁଣି ଆଘାତ କଲା । ସେ ଦୁହେଁ ଖୋଲା ଜାଗାରେ ବହୁତ ସମୟ ଧରି ଦଉଡ଼ିଲେ ଏବଂ କିଛି ଦୂରରେ ଅଦୃଶ୍ୟ ହୋଇଗଲେ । ତା'ପରେ ସେମାନେ ଘର ନିକଟକୁ ପୁଣି ଫେରି ଆସିଲେ ।

ଛେଳିଟି ଛାତ ଉପରକୁ ଡେଇଁ ପଡ଼ିଲା ଓ ତା'ର ବୁପେଲି ଖୁରା ସାହାଯ୍ୟରେ ଆଘାତ କରିବାକୁ ଲଗିଲା ଏବଂ ନାଲି, ନେଳି, ଘନନୀଳ, ନୀଳ ପ୍ରଭୃତି ବିଭିନ୍ନ ରଂଗର ଓ ବିଭିନ୍ନ ପ୍ରକାରର ମୂଲ୍ୟବାନ୍ ପଥର ଚିକ୍ ଚିକ୍ ହୋଇ ଝଲସିବାକୁ ଲଗିଲା ।

ଠିକ୍ ସେତିକିବେଳେ କୋକୋଭାନ୍ୟା ଫେରି ଆସିଲେ । ମାତ୍ର ନିଜ ଘରକୁ ସେ ଚିହ୍ନି ପାରିଲେ ନାହିଁ । ତାହା ରଂଗବେରଂଗ ଝଲସୁଥିବା ମୂଲ୍ୟବାନ୍ ପଥର ଦ୍ୱାରା ପୋତି ହୋଇଯାଇଥିଲା ଏବଂ ସେ ଛେଳି ସେଠାରେ ଠିଆ ହୋଇ ବାରମ୍ବାର ତା'ର ବୁପେଲି ଖୁରା ଦ୍ୱାରା ଆଘାତ କରୁଥିଲା ଓ ପଥର ସବୁ ତଳକୁ ଗଡ଼ି ଆସୁଥିଲା । ହଠାତ୍ ପୁଷି ମଧ୍ୟ ସେଠାକୁ ଡେଇଁ ପଡ଼ିଲା ଏବଂ ଛେଳି ପାଖରେ ଛିଡ଼ା ହୋଇ

Digitized by srujanika@gmail.com



Digitized by srujanika@gmail.com

ଜୋର୍‌ରେ ଶବ୍ଦ କରିବାକୁ ଲଗିଲା ଏବଂ ତା'ପରେ ସେଠାରେ କିଛି ନଥିଲା । ପୁଷି ନଥିଲା କି ରୁପେଲି ଖୁରା ନଥିଲା ।

କୋକୋଭାନ୍ୟା ସେ ପଥରଗୁଡ଼ିକୁ ଗୋଟାଇ ଟୋପିରେ ଅଧା ପର୍ଯ୍ୟନ୍ତ ଭର୍ତ୍ତି କରିବାକୁ ଲଗିଲେ, ମାତ୍ର ଦାରିଓଙ୍କା ତାଙ୍କୁ ଅନୁରୋଧ କଲା :

"ସେଗୁଡ଼ିକୁ ଛୁଅଁ ନାହିଁ, ଜେଜେ ! ମୁଁ ଏମାନଙ୍କୁ ଠିକ୍ ଏମିତି ସକାଳେ ଦେଖିବାକୁ ଚାହେଁ ।"

କୋକୋଭାନ୍ୟା ଦାରିଓଙ୍କା କହିବା ମତେ କଲେ । ମାତ୍ର ସକାଳ ହେବା ପୂର୍ବରୁ ଖୁବ୍ ଜୋର୍‌ରେ ତୁଷାରପାତ ହେଲା ଏବଂ ସବୁକିଛି ଘୋଡ଼ାଇ ଦେଲା । ସେମାନେ ପରେ ବରଫ ସଫା କଲେ, ମାତ୍ର କିଛି ପାଇଲେ ନାହିଁ । ଯାହା ହେଉ କୋକୋଭାନ୍ୟା ଯେତିକି ପଥର ତାଙ୍କ ଟୋପିରେ ଗୋଟାଇଥିଲେ,, ସେଥିରେ ସେମାନେ ଭଲରେ ଚଳିଲେ ।

ତେଣୁ ଏହିପରି ଭାବେ ସବୁ ଭଲରେ ଭଲରେ ସରିଲା, ଯଦିଓ ପୁଷି ପାଇଁ ମନ ଦୁଃଖ ହେଲା । ସେ ଆଉ କେବେହେଲେ ଦେଖା ଦେଲା ନାହିଁ ଏବଂ ରୁପେଲି ଖୁରା ମଧ୍ୟ ଫେରି ଆସିଲା ନାହିଁ । ସେହି ଥରେ ଆସିଥିଲା, ତାହା ହିଁ ଯଥେଷ୍ଟ ଥିଲା ।

ମାତ୍ର ପରେ ଲୋକମାନେ ଯେଉଁଠାରେ ଛେଳି ଦଉଡ଼ୁଥିଲା, ସେହି ଖୋଲା ଜାଗାରେ ବେଳେ ବେଳେ ପଥର ପାଉଥିଲେ । ଅଧିକାଂଶ ସବୁଜ ରଂଗର ଥିଲା, ତାକୁ "ଗୋମେଦ ମଣି" * ବୋଲି ଲୋକମାନେ କହନ୍ତି । ତୁମେ କେବେ ସେଗୁଡ଼ିକୁ ଦେଖିଛ କି ?

---

* ପୀତ-ହରିତ ବର୍ଣ୍ଣବିଶିଷ୍ଟ ବହୁମୂଲ୍ୟ ମଣି – ସଂପାଦକ ।

Digitized by srujanika@gmail.com

Digitized by srujanika@gmail.com

ପାଠକମାନଙ୍କ ପ୍ରତି

ଏହି ପୁସ୍ତକର ଅନୁବାଦ ଏବଂ ଅଙ୍ଗସଜ୍ଜା ବିଷୟରେ ଆପଣମାନଙ୍କର ମତାମତ ଜଣାଇଲେ "ରାଦୁଗା" ପ୍ରକାଶନ ବାଧିତ ହେବ । ଅନ୍ୟାନ୍ୟ ପରାମର୍ଶ ମଧ୍ୟ ଜଣାଇବାକୁ ଅନୁରୋଧ ।

ଆମର ଠିକଣା – "ରାଦୁଗା" ପ୍ରକାଶନ, ୧୭, ଜୁବଭ୍‌ସ୍କି ବୁଲ୍‌ଭାର, ମସ୍କୋ, ସୋଭିଏତ୍ ୟୁନିଅନ୍ ।

Digitized by srujanika@gmail.com

ପାଭେଲ୍ ବାଜୋଭ୍ (୧୮୭୯-୧୯୫୦) ବହୁ ବର୍ଷ ଧରି, ୟୁରୋପ୍ ଓ ଏସିଆର ସୀମାନ୍ତ ମଧ୍ୟରେ ଥିବା ପ୍ରାଚୀନ ୟୁରାଲ ପର୍ବତମାଳାରେ ଲୋକମୁଖରେ ପ୍ରଚଳିତ ଉପକଥାଗୁଡ଼ିକ ଅଧ୍ୟୟନ ଓ ସଂଗ୍ରହ କରୁଥିଲେ ।

ପୁରାଣକାହାଣୀ ଓ କିମ୍ବଦନ୍ତୀ ଉପରେ ଭିତ୍ତି କରି ବାଜୋଭ୍ ନିଜର ରଚନାଗୁଡ଼ିକ ଲେଖିଛନ୍ତି, ଯେଉଁଥିରେ କଳ୍ପନା ସହିତ ଜନସାଧାରଣଙ୍କ ବାସ୍ତବ ଜୀବନ ଓତପ୍ରୋତଃ ଭାବେ ଜଡ଼ିତ । ତାଙ୍କ ବର୍ଣ୍ଣିତ ନାୟକ ନାୟିକାମାନଙ୍କ ମଧ୍ୟରେ ବିଶେଷ ପ୍ରସିଦ୍ଧ ହେଲେ ପର୍ବତ ସମ୍ପଦର ରକ୍ଷାକର୍ତ୍ତୀ — ତମ୍ବା ପର୍ବତର ପର୍ବତେଶ୍ୱରୀ ; ପୋଲୋଜ୍ ନାମକ ଏକ ବିରାଟ ସୁବର୍ଣ୍ଣ ସର୍ପ, ଯିଏ ବୀରମାନଙ୍କୁ ପୁରସ୍କୃତ କରେ ଓ ଦୁର୍ବୃତ୍ତମାନଙ୍କୁ ଦଣ୍ଡ ଦିଏ ; ରୁପେଲି ଖୁରା ନାମରେ ଛାଗଳ, ଯିଏ ନିର୍ମଳ ଓ ଦୟାବନ୍ତ ହୃଦୟର ଲୋକମାନଙ୍କୁ ମୂଲ୍ୟବାନ୍ ମଣି ଦାନ କରେ ।

ପୁରାଣପ୍ରସିଦ୍ଧ ଏହି ପରୀକାହାଣୀର ନାୟକ ନାୟିକାମାନଙ୍କ ସହିତ ବିଶେଷ ସ୍ଥାନ ଗ୍ରହଣ କରୁଥିବା ସାଧାରଣ ଲୋକଚରିତ୍ରମାନେ ମଧ୍ୟ ଅଛନ୍ତି । ସେମାନଙ୍କ ମଧ୍ୟରେ ବିଶେଷ ଉଲ୍ଲେଖଯୋଗ୍ୟ ହେଲେ ବିଶିଷ୍ଟ କାରିଗରମାନେ, ଯେଉଁମାନେ କି ୟୁରାଲ ପର୍ବତମାଳାର ଐନ୍ଦ୍ରଜାଲିକ ଶକ୍ତି ସହିତ ବନ୍ଧୁତ୍ୱ କରି ହସ୍ତ ଶିଳ୍ପ ଘଟୁରୀର ଗୁପ୍ତ ରହସ୍ୟ ଅର୍ଜନ କରନ୍ତି ଏବଂ ଅତି ସୁନ୍ଦର ସୁନ୍ଦର ଜିନିଷ ତିଆରି କରନ୍ତି । ସାଧାରଣ ରୁଷୀୟ ଲୋକକଥାମାନଙ୍କ ଭଳି ଏଥିରେ ମଧ୍ୟ ଯଥାର୍ଥ କାରିଗରମାନଙ୍କୁ ଦୟାଳୁ, ନିଃସ୍ୱାର୍ଥପର, ନିର୍ମଳ ହୃଦୟର ମହିଳାମାନେ ସହାୟତା କରନ୍ତି ।

Digitized by srujanika@gmail.com

П. Бажов

СЕРЕБРЯНОЕ КОПЫТЦЕ

На языке ория

Bazhov P.

SILVER HOOF

In Oriya

ମୁଖ୍ୟ ପରିବେଷକ –
ନବଯୁଗ ଗ୍ରନ୍ଥାଳୟ, ବଜ୍ରକବାଟି ରୋଡ୍,
କଟକ – ୭୫୩୦୦୧

© ଓଡ଼ିଆ ଅନୁବାଦ ଓ ଚିତ୍ରାଙ୍କନ
"ରାଦୁଗା" ପ୍ରକାଶନ, ୧୯୯୦

ସୋଭିଏତ୍ ୟୁନିଅନ୍‌ରେ ମୁଦ୍ରିତ

ISBN 5-05-003046-3

Digitized by srujanika@gmail.com

C-210

"ରାଦୁଗା" ପ୍ରକାଶନ · ମସ୍କୋ

ISBN 5-05-003046-3

Digitized by srujanika@gmail.com